# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 July – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ; ଉଭୟ ଗୃହ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ
- ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଆଜି ଅପରାହ୍ଣରେ ଲୋକସେବା ଭବନରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ
- ସମସ୍ତ ଚାଷୀଙ୍କ ଇ-କେୱାଇସି କରାଯିବ; କହିଲେ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ
- ରାଜ୍ୟର ଆଉ ୨୨ଟି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ

ଏବଂ

- ଘୂର୍ଣ୍ଣିବଳୟ **ୱିଫା**ର ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା

# ଲୋକସଭା-ରାଜ୍ୟସଭା ମୁଲତବୀ

ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସରେ ଆଜି ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଉଭୟ ସଦନକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ୨ଟା ପରେ ଲୋକସଭା ଗୃହକାର୍ଯ୍ୟକୁ ପୁନର୍ବାର ଆରମ୍ଭ କରାଯାଇଛି। ମାତ୍ର ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ପ୍ରଥମ ମୁଲତବୀ ପରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଅପରେସନ ସିନ୍ଦୂର, ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ହଟ୍ଟଗୋଳ କରିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ ବିରୋଧୀ ସାଂସଦମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନଥିଲା। ଫଳରେ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

ସେହିପରି ରାଜ୍ୟସଭାରେ ମଧ୍ୟ ଆଜି ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ବିରୋଧ ପ୍ରଦର୍ଶନ କରିବା ଯୋଗୁଁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଘନଶ୍ୟାମ ତିୱାରୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ସମ୍ଭବ ହୋଇପାରି ନଥିଲା। ଏହି ସମୟରେ ଅଧ୍ୟକ୍ଷ ଶ୍ରୀ ତିୱାରୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ବିଜ୍ଞପ୍ତି ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ଉପରାଷ୍ଟ୍ରପତିଙ୍କ ଇସ୍ତଫା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହୀତ କରିଛନ୍ତି। ଗତକାଲି ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ।

## ଲୋକସଭା-ରାଜ୍ୟସଭା ମୁଲତବୀ

ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସରେ ଆଜି ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଉଭୟ ସଦନକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଅପରାହ୍ଣ ୨ଟା ପରେ ଲୋକସଭା ଗୃହକାର୍ଯ୍ୟକୁ ପୁନର୍ବାର ଆରମ୍ଭ କରାଯାଇଥିଲା। ମାତ୍ର ବିରୋଧିଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନଥିଲା। ଫଳରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଅନ୍ୟପକ୍ଷରେ, ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ପ୍ରଥମ ମୁଲତବୀ ପରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଅପରେସନ ସିନ୍ଦୂର, ବିହାର

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ହଟ୍ଟଗୋଳ କରିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ ବିରୋଧୀ ସାଂସଦମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନଥିଲା। ଫଳରେ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

ସେହିପରି ରାଜ୍ୟସଭାରେ ମଧ୍ୟ ଆଜି ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ବିରୋଧ ପ୍ରଦର୍ଶନ କରିବା ଯୋଗୁଁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଘନଶ୍ୟାମ ତିଓ୍ୱାରୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ସମ୍ଭବ ହୋଇପାରି ନଥିଲା। ଏହି ସମୟରେ ଅଧ୍ୟକ୍ଷ ଶ୍ରୀ ତିଓ୍ୱାରୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ବିଜ୍ଞପ୍ତି ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ଉପରାଷ୍ଟ୍ରପତିଙ୍କ ଇସ୍ତଫା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହୀତ କରିଛନ୍ତି। ଗତକାଲି ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ।

## ମହିଳା ସୁରକ୍ଷା ବୈଠକ

ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଆଜି ଅପରାହ୍ଣ ୩ଟାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ। ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା, ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ଏକାଧିକ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଆଇନ୍ ସେବା ପ୍ରାଧିକରଣ ସେବାର ସଦସ୍ୟ ମଧ୍ୟ ସାମିଲ ହେବେ ବୋଲି ସୂଚନା ମିଳିଛି।

# ସୁଭଦ୍ରା ଶକ୍ତି ପ୍ରତିଯୋଗିତା

ଭୁବନେଶ୍ୱର ସ୍ଥିତ ୟୁନିଟ୍ ୯ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ଶୁକବିହାର-ଶନିବିହାର ଅଙ୍ଗନୱାଡ଼ି କେନ୍ଦ୍ରରେ ଆଜି ଅପରାହ୍ଣ ୪ଟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ।

ଅନ୍ୟପକ୍ଷରେ ରାଜ୍ୟ ମିଶନଶକ୍ତି ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ । ସମସ୍ତ ବ୍ଲକ ଓ ସହରାଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୬ହଜାର ୫୧୯ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଭାଗ ନେଇଥିବାବେଳେ ଗ୍ରାଣ୍ଡ ଫାଇନାଲରେ ଭାଗ ନେବାଲାଗି ୧୦ଟି ଦଳ ଉନ୍ନୀତ ହୋଇଛନ୍ତି ।

ଏଥିରେ ପ୍ରଥମ ପୁରସ୍କାର ସ୍ୱରୂପ ୨ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାରରେ ଦେଢ଼ଲକ୍ଷ ଓ ତୃତୀୟ ପୁରସ୍କାର ଲାଗି ୧ଲକ୍ଷ ଟଙ୍କା ଅର୍ଥ ରଖାଯାଇଛି ।

## ଚାଷୀ ଇ-କେଓ୍ୱାଇସି

ରାଜ୍ୟର ସମସ୍ତ ଚାଷୀଙ୍କର ଇ-କେଓ୍ୱାଇସି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନଠାରେ ଆଜି ଚାଷୀଙ୍କ ଧାନ ବିକ୍ରୀ ନେଇ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଜୀକରଣ ସମସ୍ୟାର ସମାଧାନ ନେଇ ବିଚାରବିମର୍ଶ ହେବା ସହ ନିୟମ କୋହଳ କରିବାକୁ ସରକାର ବିଚାର କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଅନ୍ୟପକ୍ଷରେ, ରାଜ୍ୟରେ ଚାଷୀଙ୍କ ଇ-କେଓ୍ୱାଇସି ପାଇଁ ଚଳିତମାସ ୧୯ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହା ଆସନ୍ତାମାସ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବଧି ମଧ୍ୟରେ ସମସ୍ତ ଚାଷୀଙ୍କୁ ଇ-କେଓ୍ୱାଇସି କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି।

## ଖଣି ନିଲାମ

ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୨ଟି ଖଣିର ନିଲାମ କରାଯିବ ବୋଲି ଖଣି ମନ୍ତ୍ରୀ **ବିଭୂତି ଜେନା** କହିଛନ୍ତି। ଖଣି ନିଲାମ ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ନୂଆ ସରକାର ବର୍ଷକ ମଧ୍ୟରେ ୮ଟି ଖଣିର ନିଲାମ ସରିଛି। ଖଣି ପାଇଁ ଶିଳ୍ପ ପ୍ରତିଷ୍ଠାର ସୁଯୋଗ

ଆସିଲେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

**- V/O - (**ବିଭୂତି ଜେନା**)**

## ମୁଖ୍ୟମନ୍ତ୍ରୀ ବସ୍ ସେବା

କୋଟିଆରେ ଖୁବ୍ ଶୀଘ୍ର ପରିବହନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ ହେବ ବୋଲି ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି । କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ । ନିର୍ବାଚନ ସମୟରେ କୋଟିଆ ଉପରେ ଆନ୍ଧ୍ରର ପ୍ରଭୃତ୍ୱକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି । କୋଟିଆର ସମନ୍ୱିତ ବିକାଶ ସରକାରଙ୍କ ପ୍ରାଥମିକ ଦାୟିତ୍ୱ । ଖଣିଖାଦାନରେ ଭରପୂର କୋଟିଆର ସଦୁପଯୋଗ କରିବାକୁ ଖଣି ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ମାନବାଧିକାର ଆୟୋଗ

ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଆଜି ଅପରାହ୍ଣ ୪ଟା ବେଳେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ମାନବ ଅଧିକାର ଉଲ୍ଲଙ୍ଘନ ଅଭିଯୋଗର ଶୁଣାଣି ଅବସରରେ ଗଣମାଧ୍ୟମକୁ ସଂବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

## କ୍ରାଇମ୍‌ବ୍ରାଞ୍ଚ-ବଳଙ୍ଗା

ପୁରୀ ବଳାଙ୍ଗା ପୀଡିତାଙ୍କ ବୟାନ ରେକର୍ଡ ଆଧାରରେ ତଦନ୍ତ ଜାରି ରହିଛି। କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ଆଜି ଦିଲ୍ଲୀ ଏମ୍ସ୍ ଯାଇ ପୀଡିତାଙ୍କୁ ଘଟଣା ସମ୍ପର୍କରେ ଅଧିକ ପଚରା ଉଚରା କରିବ ବୋଲି ଜଣାପଡିଛି। ଏହାସହ ଅଘଟଣ ଘଟିଥିବା ସ୍ଥାନରେ ପୁଲିସ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସ୍ପେଶାଲ ସ୍କ୍ୱାଡ୍ ସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତରେ ନିୟୋଜିତ ଅଛନ୍ତି। ଗତକାଲି ପରୀକ୍ଷାମୂଳକ ଭାବେ ପୀଡିତାଙ୍କ ସ୍କିନ୍ ଟ୍ରାନ୍ସପ୍ଲାଣ୍ଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଜି ଏହି ପ୍ରକ୍ରିୟା ଶେଷ ହେବ ବୋଲି ସୂଚନା ରହିଛି।

## ସ୍କିଲ୍ ଇନ୍ ଓଡ଼ିଶା

ରାଜ୍ୟ ସରକାରଙ୍କ ସ୍କିଲ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ସ୍ଥିତ ମଞ୍ଚେଶ୍ୱରଠାରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ରରେ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମରେ ତାଲିମ୍ ପ୍ରଦାନ କରାଯାଉଛି। ରାଜ୍ୟର ଉଭୟ ଗାଁ ଓ ସହରରୁ ଆସୁଥିବା ଛାତ୍ରଛାତ୍ରୀମାନେ ତାଲିମ୍ ନେଇ ଦେଶବିଦେଶର ପ୍ରମୁଖ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଉଛନ୍ତି। ଏହି କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍ତର୍ଜାତୀୟ ଢାଞ୍ଚାର ପାଠ୍ୟକ୍ରମ ଆବଶ୍ୟକ ଭିତ୍ତିଭୂମି, ଅତ୍ୟାଧୁନିକ ଲାବୋରାଟୋରୀ ଓ ବିଶ୍ୱସ୍ତରୀୟ ତାଲିମ୍ ଉପକରଣ ରହିଛି। ସେହିପରି ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ପରିବ୍ୟାପ୍ତ କରିବା ପାଇଁ ଜୀବନ ଓ ନିଯୁକ୍ତିଭିତ୍ତିକ ଦକ୍ଷତା ତାଲିମ୍ ପ୍ରଦାନ କରାଯାଉଛି। ପାଠ୍ୟକ୍ରମ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ ଜାତୀୟ-ଅନ୍ତର୍ଜାତୀୟ କମ୍ପାନୀରେ ନିଯୁକ୍ତି ସୁଯୋଗ

ପାଉଛନ୍ତି। ଫଳରେ ବିଶ୍ୱସ୍ତରୀୟ ମାନବ ସମ୍ବଳ ପ୍ରସ୍ତୁତିରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ଜାତୀୟ ପତାକା ଦିବସ

ଆମ ଦେଶର ସାଂସ୍କୃତିକ ବିବିଧତା ଓ ଏକତାକୁ ସ୍ମରଣ କରି ୧୯୪୭ ମସିହା ଆଜିର ଦିନରେ ଭାରତୀୟ ସମ୍ବିଧାନ ସଭା ଜାତୀୟ ପତାକାକୁ ଆପଣାଇଥିଲା। ଏହି ଦିନକୁ ସ୍ମରଣ  କରି ଆଜି ଜାତୀୟ ପତାକା ଦିବସ ପାଳନ କରାଯାଉଛି। ଜାତୀୟ ପତାକାକୁ ତ୍ରିରଙ୍ଗା ବୋଲି କୁହାଯାଏ। ଯାହା ଦେଶର ସ୍ୱତନ୍ତ୍ରତା ଓ ଏକତାର ପ୍ରତୀକ। ତ୍ରିରଙ୍ଗାର ଉପରଭାଗରେ ନାରଙ୍ଗୀ ରଙ୍ଗ ରହିଛି ଯାହା ଦେଶର ଶକ୍ତି ଓ ସାହସର ପ୍ରତୀକ। ମଝିରେ ଥିବା ଧଳା ରଙ୍ଗ ଶାନ୍ତି ଓ ସତ୍ୟର ପ୍ରତୀକ। ତଳେ ରହିଥିବା ସବୁଜ ରଙ୍ଗ ଦେଶର ବିକାଶ ଓ ଉର୍ବରତାର ପ୍ରତୀକକୁ ସୂଚାଏ। ମଝିରେ ନୀଳ ରଙ୍ଗର ଅଶୋକଚକ୍ରରେ ରହିଛି ୨୪ଟି ଅର ଯେଉଁଗୁଡ଼ିକ ନିରନ୍ତର ପ୍ରଗତୀର ପ୍ରତୀକ।

# ସ୍ୱାସ୍ଥ୍ୟସେବା

ନୂଆପଡା ଜିଲ୍ଲାର ଦୂରଦୁରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ କଟକ ଏସ୍‌ସିବିର ଏକ ୬ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ନୂଆପଡା ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ପହଞ୍ଚିଛନ୍ତି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ଯୋଗାଇ

ଦେବେ । ଏଥିପାଇଁ ୬୩୨ଜଣ ରୋଗୀ ତାଲିକାଭୁକ୍ତ ହୋଇଥିବା ଜଣାପଡିଛି ।

## ଆୟୁଷ୍ମାନ

**ନୟାଗଡ଼** ବ୍ଲକ୍ ଚମ୍ପତିପୁରସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ କେନ୍ଦ୍ର ସରକାରଙ୍କ ଦୁଇଜଣିଆ ଗୁଣବତ୍ତା ଯାଞ୍ଚ ଦଳ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମୂହକୁ ତଦାରଖ କରିଛନ୍ତି। ଏହାସହ ପ୍ରସୂତି ଓ ଗର୍ଭବତୀମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମେତ ଯକ୍ଷ୍ମା, ମ୍ୟାଲେରିଆ, ମଧୁମେହ ଆଦି ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଔଷଧର ନିରୀକ୍ଷଣ କରିଥିଲେ।

## ସଚେତନତା କର୍ମଶାଳା

**ଭଦ୍ରକ** ଜିଲ୍ଲା ମତୋ ମହାବିଦ୍ୟାଳୟରେ ମହିଳା ସୁରକ୍ଷା ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ସାମାଜିକ ସୁରକ୍ଷା, ଆତ୍ମସୁରକ୍ଷା ସମ୍ପର୍କିତ ଆଇନ୍ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ।

## ପ୍ରତିଯୋଗିତା

କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ଏବଂ **ଭଦ୍ରକ** ଜିଲ୍ଲା ଭାରତ ବିକାଶ ପରିଷଦ ପକ୍ଷରୁ ପୁରୁଷଣ୍ଡ ପଂଚାୟତ ଶୋଭନୀୟ ଶିକ୍ଷା ଆଶ୍ରମରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ମା

ପାଇଁ ଗଛଟିଏ' ଶୀର୍ଷକ ଚିତ୍ରାଙ୍କନ, ରଚନା ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି ।

## ଏଚ୍‌ଆଇଭି କୁଇଜ୍ ପ୍ରତିଯୋଗିତା

**ନୟାଗଡ଼** ଜିଲ୍ଲା ବ୍ରଜେନ୍ଦ୍ର ହାଇସ୍କୁଲରେ ଏଚ୍‌ଆଇଭି ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି ଓ ଭାରତୀୟ ରେଡକ୍ରସ୍ ଓଡ଼ିଶା ରାଜ୍ୟ ଶାଖା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଦଶପଲ୍ଲା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି ।

## ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ଘୂର୍ଣ୍ଣିବଳୟରେ ପରିଣତ ହେବାର ସମ୍ଭାବନା ରହିଛି । ଏହା କ୍ରମଶଃ ଘନୀଭୂତ ହୋଇ ସାମୁଦ୍ରିକ ବାତ୍ୟା ଓ୍ୱିଫାର ରୂପ ନେବ ବୋଲି ପାଣିପାଗ ବିଭାଗ କହିଛି । ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

## ସିବିଏସ୍‌ଇ-କ୍ୟାମେରା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ଅନୁବନ୍ଧିତ ସମସ୍ତ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବାକୁ ବାଧ୍ୟତାମୂଳକ କରାଯିବ ।

ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ଗୁରୁତ୍ୱପୂର୍ଣ୍ଣ ନିୟମାବଳୀ ଜାରି କରାଯାଇଛି। ଏଥିରେ ପ୍ରକୃତ ସମୟ ଓ ଅଡିଓ ଭିଜୁଆଲ୍ ରେକର୍ଡିଂ କ୍ଷମତା ରହିବ। ସିବିଏସ୍ଇ ସ୍କୁଲର ପ୍ରବେଶ ପଥ, ପ୍ରସ୍ଥାନସ୍ଥଳ, ପ୍ରତୀକ୍ଷାସ୍ଥଳ, ଶ୍ରେଣୀଗୃହ, ପରୀକ୍ଷାଗାର ସମେତ ଅନ୍ୟାନ୍ୟ ସାଧାରଣ ଅଂଚଳରେ କ୍ୟାମେରା ଲଗାଯିବ। ସିସିଟିଭି ଫୁଟେଜ ଅତିକମ୍‌ରେ ୧୫ ଦିନ ପାଇଁ ସଂରକ୍ଷଣ କରାଯିବ।  ବୋର୍ଡ ପରୀକ୍ଷା କେନ୍ଦ୍ରଗୁଡ଼ିକ ପାଇଁ ଫୁଟେଜ୍ ଅତି କମ୍‌ରେ ଫଳାଫଳ ଘୋଷଣାର ଦୁଇମାସ ପର୍ଯ୍ୟନ୍ତ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।